# Akashvani, Sambalpur

## SAMBALPURI NEWS EVENING BULLETIN

## 17 September 2024- 7.02 pm- 7.12 pm.

*********************************************

୧- ମହିଳାମାନ୍‌କର୍ ଉନ୍ନତି ଆଉ ସାମର୍ଥ୍ୟ ଓଡ଼ିଶାର୍ ବିକାଶ୍‌ର ମୁଳମନ୍ତ୍ର ହେବା- କହେଲେ ପ୍ରଧାନ୍‌ମନ୍ତ୍ରୀ ।

- ଭୁବ୍‌ନେଶ୍ୱର୍ ଜନ୍‌ତା ମଇଦାନ୍ ନ ସୁଭଦ୍ରା ଯୋଜ୍‌ନାର୍ କଲେ ଶୁଭାରମ୍ଭ ।

- ୨୫ ଲାଖ୍ ନୁ ଅଏତ୍‌କା ହିତାଧିକାରୀଙ୍କୁ ପହେଲା କିସ୍ତି ବାବ୍‌ଦେ ଦେଲେ ୧ ହଜାର୍ ୨ ଶହ ୫୦ କୋଟିନୁ ଅଏତ୍‌କା ଟଙ୍କା ।

୨- ପ୍ରଧାନ୍‌ମନ୍ତ୍ରୀ ଗ୍ରାମୀଣ୍ ଆବାସ ଯୋଜ୍‌ନାଥି ୩୦ ଲାଖ୍ ହିତାଧିକାରୀଙ୍କର୍ ଗୃହପ୍ରବେଶ୍ ।

- ୧୦ ଲାଖ୍ ହିତାଧିକାରୀଙ୍କୁ ୩ ହଜାର୍ ଶହେ ୮୦ କୋଟି ଟଙ୍କା ଦେଲେ ପ୍ରଧାନ୍‌ମନ୍ତ୍ରୀ ।

୩- ବିଜେପି ନେତୃତ୍ୱାଧୀନ ଏନ୍‌ଡିଏ ସର୍‌କାର୍‌ଙ୍କର୍ ୩ ନମ୍ବର୍ ପାଳିକେ ଆଏଜ୍ ପୁର୍‌ଲା ଶହେ ଦିନ୍ ।

ଆଉର୍

୫- ସାରା ଦେଶେ ଆଏଜ୍‌ନୁ ମୁଲ୍ ହେଲା ସ୍ୱଚ୍ଛତା ହିଁ ସେବା ଅଭିଯାନ୍ ।

ପ୍ରଧାନ୍‌ମନ୍ତ୍ରୀ-୧ ଆର୍‌ଏନ୍‌ୟୁ/ କଟକ୍

ମହିଲାମାନ୍‌କର୍ ଉନ୍ନତି ଆର୍ ସାମର୍ଥ୍ୟ ଓଡ଼ିଶାର୍ ବିକାଶ୍‌ର ମୁଲ୍ ମନ୍ତ୍ର ହେବା ବଲି ପ୍ରଧାନ୍‌ମନ୍ତ୍ରୀ ନରେନ୍ଦ୍ର ମୋଦୀ କହିଛନ୍ । ଭୁବ୍‌ନେଶ୍ୱର୍ ଜନ୍‌ତା ମଇଦାନ୍ ନ ଆଏଜ୍ ସୁଭଦ୍ରା ଯୋଜ୍‌ନାର୍ ଶୁଭାରମ୍ଭ୍ କରିକରି ପ୍ରଧାନ୍‌ମନ୍ତ୍ରୀ କହିଛନ୍ ଯେ, ଦେଶର୍ ବିକାଶ୍‌ଥି ନାରୀଶକ୍ତିର ସମାନ୍ ଭାଗିଦାରୀତା ଦର୍‌କାର୍ ରହିଛେ । କେନ୍ଦ୍ର ସର୍‌କାର୍ ଗରିବ୍, କୃଷକ୍, ଯୁବକ୍ ଆର୍ ନାରୀମାନ୍‌କର୍ ଉନ୍ନତି ଲାଗି ସବୁବେଲେ କାମ୍ କରିଆସୁଛନ୍ । ସୁଭଦ୍ରା ଯୋଜ୍‌ନା ମହିଲାମାନ୍‌କୁ ଆର୍ଥିକ୍ ଭାବେ ସ୍ୱାବଲମ୍ବୀ କରାବାର୍ ଦିଗେ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କର୍‌ବା । ଇ ଯୋଜ୍‌ନା ଜରିଏ ରାଜ୍ୟର୍ ୧ କୋଟି ନୁ ଅଏତ୍‌କା ମହିଲା ଲାଭ୍ ପାଏବେ । ଇ ଯୋଜ୍‌ନାକେ ଭାରତୀୟ ରିଜର୍ଭ ବେଙ୍କ୍‌ର ଡିଜିଟାଲ୍ କରେନ୍ସିର ପାଇଲଟ୍ ପ୍ରକଳ୍ପଥି ସାମିଲ୍ କରାଯାଇଛେ ବଲି ପ୍ରଧାନ୍‌ମନ୍ତ୍ରୀ କହିଛନ୍ ।

(ଭଏସ୍ ଓଭର୍-୧- ପ୍ରଧାନ୍‌ମନ୍ତ୍ରୀ)

ପ୍ରଧାନ୍‌ମନ୍ତ୍ରୀ କହିଛନ୍ ଯେ, ଓଡ଼ିଶା ସହେତେ ଅଲ୍‌ଗା ରାଜ୍ୟ ନ ଆଉ ୭୫ ହଜାର୍‌ନୁ ଅଏତ୍‌କା ମେଡ଼ିକାଲ୍ ସିଟ୍ ଜୁଡ୍‌ବାର୍‌କେ ଲକ୍ଷ୍ୟ ରଖାଯାଇଛେ । ସେନ୍ତା ଜନଜାତିଙ୍କର୍ ବିକାଶ୍ ଲାଗି ବଜେଟ୍‌କେ ୨ ଗୁନା ବଢ଼ାଯାଇଛେ । ଇଥି ୬୦ ହଜାର୍ ଆଦିବାସୀ ଗାଁର୍ ବିକାଶ୍ ଲାଗି ପଦକ୍ଷେପ୍ ନିଆଯାଇଛେ ବଲି ପ୍ରଧାନ୍‌ମନ୍ତ୍ରୀ ଶ୍ରୀ ମୋଦୀ କହିଛନ୍ ।

ଇନ ଜନେଇ ଦିଆଯାଇପାରେ ଯେ, ଆଏଜ୍ ରାଜ୍ୟର୍ ୨୫ ଲାଖ୍ ୧୧ ହଜାର୍ ହିତାଧିକାରୀଙ୍କୁ ସୁଭଦ୍ରା ଯୋଜ୍‌ନାର୍ ପହେଲା କିସ୍ତି ବାବ୍‌ଦେ ମୋଟ୍ ୧ ହଜାର୍ ୨ ଶହ ୫୦ କୋଟି ୫୫ ହଜାର୍ ଟଙ୍କା ଦିଆଯାଇଛେ । ପ୍ରତ୍ୟକ୍ଷ ସୁବିଧା ହସ୍ତାନ୍ତର୍ ଡିବିଟି ଜରିଏ ଇ କିସ୍ତି ଦିଆଯାଇଛେ । ଇ କାର୍ଯ୍ୟକ୍ରମ୍‌ଥି ରାଜ୍ୟପାଲ୍ ରଘୁବର୍ ଦାସ, ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀ, ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା, କନକ୍ ବର୍ଦ୍ଧନ୍ ସିଂହଦେଓ ଆର୍ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ୍ ଯୋଗ୍ ଦେଇଥିଲେ ।

ପ୍ରଧାନ୍‌ମନ୍ତ୍ରୀ-୨ ଆର୍‌ଏନ୍‌ୟୁ/ କଟକ୍

ପ୍ରଧାନ୍‌ମନ୍ତ୍ରୀ ନରେନ୍ଦ୍ର ମୋଦୀ ଆଏଜ୍ ଜନ୍‌ତା ମଇଦାନ୍ ନ ପ୍ରଧାନ୍‌ମନ୍ତ୍ରୀ ଗ୍ରାମୀଣ୍ ଆବାସ ଯୋଜ୍‌ନାଥି ୧୦ ଲାଖ୍ ହିତାଧିକାରୀଙ୍କୁ ପହେଲା କିସ୍ତି ବାବ୍‌ଦେ ୩ ହଜାର୍ ଶହେ

୮୦ କୋଟି ଟଙ୍କା ଦେଇଛନ୍ । ଇତାର୍‌ସଙ୍ଗେ ଇ ଯୋଜ୍‌ନାର୍ ୨୬ ଲାଖ୍ ହିତାଧିକାରୀଙ୍କୁ ଗୃହପ୍ରବେଶ୍ କରେଇଛନ୍ । ସେନ୍ତା ପ୍ରଧାନ୍‌ମନ୍ତ୍ରୀ ସହରାଂଚଲ୍ ଆବାସ୍ ଯୋଜ୍‌ନାର୍ ୪ ଲାଖ୍ ହିତାଧିକାରୀଙ୍କର୍ ଗୃହପ୍ରବେଶ୍ କରାଯାଇଛେ । ଇତାର୍‌ଛଡ଼ା ୧୫ ଲାଖ୍ ହିତାଧିକାରୀଙ୍କୁ ସ୍ୱିକୃତୀ ପତ୍ର ଦିଆଯାଇଥିଲା । ପ୍ରଧାନ୍‌ମନ୍ତ୍ରୀ ଇ ଅବ୍‌ସରେ ଆବାସ ପ୍ଲସ୍-୨୦୨୪ ମୋବାଇଲ୍ ଆପ୍‌ର ଲୋକାର୍ପଣ୍ ଆର୍ ପ୍ରଧାନ୍‌ମନ୍ତ୍ରୀ ଆବାସ୍ ଯୋଜ୍‌ନା- ଟୁ ପଏଂଟ୍ ଜିରୋ ର ଶୁଭାରମ୍ଭ କରିଛନ୍ । ପ୍ରଧାନ୍‌ମନ୍ତ୍ରୀ ଆଏଜ୍ ଭୁବ୍‌ନେଶ୍ୱର୍ ପୁହୁଁଚିବା ଉତ୍‌ରୁ ମଂଚେଶ୍ୱର୍ ଗାଡ଼୍‌କଣକେ ଯାଇକରି ସେନ ହିତାଧିକାରୀ ମାନ୍‌କର୍ ସାଙ୍ଗେ ଆଲୋଚନା କରିଥିଲେ ।

ପ୍ରଧାନ୍‌ମନ୍ତ୍ରୀ-୩ ଆର୍‌ଏନ୍‌ୟୁ/ କଟକ୍

ପ୍ରଧାନ୍‌ମନ୍ତ୍ରୀ ନରେନ୍ଦ୍ର ମୋଦୀ ଇ ଅବ୍‌ସରେ ଆଏଜ୍ ରାଏଜେ ବହୁତ୍‌ଟେ ଗୁରୁତ୍ୱପୂର୍ଣ୍ଣ ରେଲ୍ ପ୍ରକଳ୍ପର୍ ଭିତିପ୍ରସ୍ତର୍ ଆର୍ ଲୋକାର୍ପଣ୍ କରିଛନ୍ । ଇ ପ୍ରକଳ୍ପମାନ୍‌କର୍ ଲାଗି ୨ ହଜାର୍ ୮ ଶହ ୭୧ କୋଟି ଟଙ୍କା ବ୍ୟୟ ଅଟକଳ କରାଯାଇଛେ । ଇଥି ୪ ଟା ମୁଖ୍ୟ ରେଲ୍‌ସେକ୍ସନ୍‌ର ଭିଲ୍ ଉଦ୍‌ଘାଟନ୍ କରିଛନ୍ । ସେ ଭିତ୍‌ରେ ବିଜୟନଗରମ୍-ଟିଟିଲାଗଡ଼୍ ୩ ନମ୍ବର୍ ଲାଇନ୍ ରେଲ୍‌ପ୍ରକଳ୍ପ, ଲାଞ୍ଜିଗଡ଼୍ ରୋଡ଼୍-ଆମ୍ବାଦୋଲା-ଡୁଇକାଲୁ ରେଲ୍‌ସେକ୍ସନ୍ ରହିଛେ । ସେନ୍ତା

କୋରାପୁଟ୍-ସିଙ୍ଗାପୁର୍ ରୋଡ୍ ଦୋହରିକରଣ୍ ପ୍ରକଳ୍ପର୍ ୨୨ କିଲୋମିଟର୍‌ନୁ ଅଏତ୍‌କା ଲମ୍ବା ଲକ୍ଷ୍ମୀପୁର୍‌ରୋଡ୍-ସିଙ୍ଗରମ୍-ଟିକିରି ରେଲ୍‌ସେକ୍ସନ୍, ବୁଢ଼ାପଙ୍ଗ - ସାଲଗା ୩ ନମ୍ବର୍ ଆଉ ୪ ନମ୍ବର୍ ଲାଇନ୍ ପ୍ରକଳ୍ପ, ଢେଙ୍କାନାଲ୍ - ସଦାଶିବପୁର୍-ହିନ୍ଦୋଳ ରେଲ୍‌ସେକ୍ସନ୍‌ର ଉଦ୍‌ଘାଟନ୍ କରାଯାଇଛେ । ଇତାର୍‌ସଙ୍ଗେ ପ୍ରଧାନ୍‌ମନ୍ତ୍ରୀ ଶ୍ରୀ ମୋଦୀ ଅଲ୍‌ଗା ୪ ଟା ରେଲ୍‌ପ୍ରକଳ୍ପର୍ ଭିତିପ୍ରସ୍ତର୍ ଥାପ୍‌ନା କରିଛନ୍ । ପ୍ରଧାନ୍‌ମନ୍ତ୍ରୀ ରାଜ୍ୟ ଲାଗି ହଜାରେ କୋଟି ଟଙ୍କାର୍ ଭିନ୍ ଭିନ୍ ସଡ଼କ୍ ପ୍ରକଳ୍ପର୍ ଭିଲ୍ ଭିତିପ୍ରସ୍ତର୍ ଥାପ୍‌ନା କରିଥିଲେ ।

ଏନ୍‌ପିଏସ୍ ବାତ୍ସଲ୍ୟ ଯୋଜ୍‌ନା ଆର୍‌ଏନ୍‌ୟୁ/ କଟକ୍

କେନ୍ଦ୍ର ଅର୍ଥମନ୍ତ୍ରୀ ନିର୍ମଳା ସୀତାରମଣ୍ ଆଏବା କାଏଲ୍ ନୂଆଦିଲ୍ଲୀ ଠାନେ ଏନ୍‌ପିଏସ୍ ବାତ୍ସଲ୍ୟ ଯୋଜ୍‌ନାର୍ ଶୁଭାରମ୍ଭ କର୍‌ବେ । ଇ ଯୋଜ୍‌ନା ଅଧୀନ୍‌ଥି ଅଭିଭାବକ୍‌ମାନେ ସେମାନ୍‌କର୍ ନାବାଲକ୍ ଛୁଆମାନ୍‌କର୍ ଏକାଉଂଟ୍ ଖୁଲିକରି ସେଥି ସଂଚୟ କରିପାର୍‌ବେ । ସେ ଛୁଆମାନେ ସାବାଳକ ହେବାର୍ ଉତ୍‌ରୁ ଇ ଏକାଉଂଟ୍ ନିୟମିତ ଏନ୍‌ପିଏସ୍ - ଜାତୀୟ ପେନ୍‌ସନ୍ ଯୋଜ୍‌ନା ଏକାଉଂଟ୍‌ଥି ବଦ୍‌ଲିବା ।

ପିଏମ୍ ଶହେ ଦିନ ପୂର୍ତି ଆର୍‌ଏନ୍‌ୟୁ/ କଟକ୍

କେନ୍ଦ୍ର ନ ନରେନ୍ଦ୍ର ମୋଦୀଙ୍କର୍ ନେତୃତ୍ୱଧୀନ ଏନ୍‌ଡିଏ ସର୍‌କାର୍‌ଙ୍କର୍ ୩ ନମ୍ବର୍ ପାଲିକେ ଆଏଜ୍ ଶହେ ଦିନ୍ ପୁରା ହେଇଛେ । ଗଲା ଜୁନ୍ ମାସ ୯ ତାରିଖ୍ ଦିନ ଶ୍ରୀ ମୋଦୀଙ୍କର୍ ନେତୃତ୍ୱଥି ଏନ୍‌ଡିଏ ସର୍‌କାର୍ ୩ ନମ୍ବର୍ ଥର୍ ଲାଗି ଶପଥ୍ ନେଇଥିଲେ । ୩ ନମ୍ବର୍ ପାଲିର୍ ଶହେ ଦିନ୍ ଶାସନ୍ ଭିତ୍‌ରେ ୧୫ ଲାଖ୍ କୋଟି ଟଙ୍କାର୍ ଭିନ୍ ଭିନ୍ ପ୍ରକଳ୍ପର୍ ଶୁଭାରମ୍ଭ କରାଯାଇଛେ । ଚାଷୀ, ମହିଳା, ସଂଖ୍ୟାଲଘୁ, ମଧ୍ୟବିତ ଆଉ ଗରିବ୍ ଶ୍ରେଣୀର୍ ଲୁକ୍‌କର୍ ଲାଗି ଭିନ୍ ଭିନ୍ ଯୋଜ୍‌ନା ଲାଗୁ କରାଯିବାର୍ ସହେତେ ଭିତିଭୂମି ବିକାଶ୍ ଲାଗି ଜୋର୍ ଦିଆଯାଇଛେ । ଏନ୍‌ଡିଏ ସର୍‌କାର୍‌ଙ୍କର୍ ପହେଲା ଶହେ ଦିନ୍ ଭିତ୍‌ରେ ୧୧ ଲାଖ୍ ଲକ୍ଷପତି ଦିଦିଙ୍କୁ ସମ୍ମାନିତ୍ କରାଯାଇଛେ । ସେନ୍ତା ଇ ଆର୍ଥିକ୍ ବଛର୍ ଲାଗି ଖରିଫ୍ ଫସଲ୍‌ର ସର୍ବନିମ୍ନ ସହାୟକ ମୂଲ୍ୟ ବଢ଼ାଯାଇଛେ । ଇ ସମୟସୀମା ଭିତ୍‌ରେ ଓଡ଼ିଶାର୍ ପରିବହନ ଭିତିଭୂମି ବିକାଶ୍‌କେ ଗୁରୁତ୍ୱ ଦିଆଯାଇଛେ । ରେଲ୍ ଆଉ ସଡ଼କ୍ ଭିତିଭୂମି ବିକାଶ୍ ଲାଗି ବହୁତ୍‌ଟେ ପଦକ୍ଷେପ୍ ନିଆଯାଇଛେ ।

ରାଜ୍ୟର୍ ରେଲ୍ ଇତିହାସ୍‌ଥି ପହେଲାଥର୍ ଲାଗି ୧୯ ହଜାର୍ ୨ ଶହ ୯୦ କୋଟି ଟଙ୍କା ଖର୍ଚ୍ଚାଥି ୮ ଟା ନୂଆଁ

ରେଲ୍‌ପ୍ରକଳ୍ପ ତିଆରି ପ୍ରସ୍ତାବ୍‌କେ କେନ୍ଦ୍ର କେବିନେଟ୍ ଅର୍ଥନୈତିକ୍ ବ୍ୟାପାର୍ କମିଟି ଅନୁମୋଦନ୍ କରିଛେ ।

ବନ୍ଦେ ଭାରତ୍ ଟ୍ରେନ୍ ଚଲାଚଲ୍ ସଂଖ୍ୟା ୬ କେ ବଢ଼ିଛେ । ଇ ଆର୍ଥିକ୍ ବଛର୍ ଲାଗି ସଡ଼କ୍, ପରିବହନ୍ ଆଉ ରାଜପଥ ମନ୍ତ୍ରଣାଲୟ ଓଡ଼ିଶା ନ ଗୁଟେ ନୂଆଁ ପୋଲ୍ ଆର୍ ୫ ଟା ସଡ଼କ୍ ପ୍ରକଳ୍ପ ତିଆରି ବାବ୍‌ଦେ ୮ ହଜାର୍ ୯ ଶହ ୨୩ କୋଟି ଟଙ୍କାର୍ ବ୍ୟୟ ଅଟକଳକେ ଅନୁମୋଦନ୍ ଦେଇଛେ ।

ସ୍ୱଚ୍ଛତା ହିଁ ସେବା ଅଭିଯାନ/ଆର୍‌ଏନ୍‌ୟୁ

କଟକ୍/ବୌଦ୍ଧ/ନୂଆପଡ଼ା ସମ୍ବାଦଦାତା

ସାରା ଦେଶେ ଆଏଜ୍ ନୁ ସ୍ୱଚ୍ଛତା ହିଁ ସେବା ଅଭିଯାନ୍ - ୨୦୨୪ ମୁଲ୍ ହେଇଛେ । ଇ ଅଭିଯାନ୍ ଅକ୍ଟୋବର୍ ୨ ତାରିଖ୍‌ତକ୍ ଚାଲ୍‌ବା । ସ୍ୱଚ୍ଛତା ହିଁ ସେବା ଅଭିଯାନ୍‌ର ଇ ବଛର୍‌ର ବିଷୟବସ୍ତୁ ରହିଛେ ସ୍ୱଭାବ ସ୍ୱଚ୍ଛତା- ସଂସ୍କାର୍ ସ୍ୱଚ୍ଛତା । ସ୍ୱଚ୍ଛ ଭାରତ୍ ମିଶନ୍‌ର ୧୦ ନମ୍ବର୍ ବାର୍ଷିକୀ ପାଲନ୍ ଅବ୍‌ସରେ ଇ ଅଭିଯାନ୍ ମୁଲ୍ ହେଇଛେ । ଇତାର୍ ଅଧୀନ୍‌ଥି ଦେଶେ ୨ ଲାଖ୍ ସ୍ୱଚ୍ଛତା ଆଧାରିତ୍ ୟୁନିଟ୍ ସିଟି ୟୁନିଟ୍ ଥାପ୍‌ନା ଲାଗି ପଦକ୍ଷେପ୍ ନିଆଯାଉଛେ । ଜିଲ୍ଲାସ୍ତର୍‌ଥି ସ୍ୱେଚ୍ଛାସେବୀ ସଂଗଠନ୍ ଆଉ ଭିନ୍ ଭିନ୍ ସର୍‌କାରୀ ଅନୁଷ୍ଠାନ୍‌କେ ଇ ୟୁନିଟ୍‌ଥି ସାମିଲ୍ କରାଯିବାର୍‌କେ ବ୍ୟବସ୍ଥା କରାଯାଇଛେ । ସଫେଇ ମିତ୍ର ସୁରକ୍ଷା ଶିବିର ମାନ ଆୟୋଜନ୍

କରାଯାଇକରି ସ୍ୱାସ୍ଥ୍ୟ ଆଉ ପରିମଳ ବାବ୍‌ଦେ କଲ୍ୟାଣ୍‌କାରୀ କାର୍ଯ୍ୟକ୍ରମ୍ ମାନ୍‌କେ ପ୍ରୋତ୍ସାହିତ୍ କରାଯିବାର ଲକ୍ଷ୍ୟ ରଖାଯାଇଛେ ।

ବୌଦ୍ଧ ଜିଲ୍ଲା ନ ଆଏଜ୍‌ଠାନୁ ସ୍ୱଚ୍ଛତା ହିଁ ସେବା ପକ୍ଷ ମୁଳ୍ ହେଇଛେ । ଇ ଅବ୍‌ସରେ ଆଏଜ୍ ଗୁଟେ ସଚେତନତା କାର୍ଯ୍ୟକ୍ରମ୍‌ଥି ସ୍ୱଚ୍ଛତା ହିଁ ସେବା ଶପଥ୍ ପାଠ୍, ସ୍ୱାକ୍ଷର୍ ଅଭିଯାନ୍ ଆର୍ ସାଂସ୍କୃତିକ୍ କାର୍ଯ୍ୟକ୍ରମ୍ କରାଯାଇଥିଲା । ଜିଲ୍ଲାପାଲ୍ ସୁବ୍ରତ୍ କୁମାର୍ ପଣ୍ଡା, ଅତିରିକ୍ତ ଜିଲ୍ଲାପାଲ୍ ଅନିରୁଦ୍ଧ ପ୍ରଧାନ୍‌ଙ୍କର୍ ସହେତେ ନିର୍ବାଚିତ୍ ପ୍ରତିନିଧି ଆଉ ଅଧିକାରୀମାନେ ଅତିଥି ଭାବେ ଯୋଗ୍ ଦେଇକରି ଶପଥ୍ ପାଠ କରିଥିଲେ ।

ନୂଆପଡ଼ା ଜିଲ୍ଲା ଖଡ଼ିଆଲ୍ ବିଜ୍ଞପିତ ଅଂଚଲ୍ ପରିଷଦ୍ ତର୍‌ଫୁ ସ୍ୱଚ୍ଛତା ହିଁ ସେବା ଯୋଜ୍‌ନା ପକ୍ଷ ଅବ୍‌ସରେ ସଚେତନତା ରେଲି ସଫେଇ ଆଉ ଶପଥ୍ ଗ୍ରହଣ୍ ଉତ୍ସବ୍ ହେଇଯାଇଛେ । ଇ ଅବ୍‌ସରେ ଗୁଟେ ସଚେତନତା ଶୋଭାଯାତ୍ରା ଖଡ଼ିଆଲ୍ ନଗର୍ ପରିକ୍ରମା କରିଥିଲା । ଶୋଭାଯାତ୍ରାଥି ବିଜ୍ଞପିତ ଅଂଚଲ୍ ପରିଷଦର ଅଧିକାରୀ ଆର୍ କର୍ମଚାରୀ ଆଉ ମହିଳାମାନେ ଯୋଗ୍ ଦେଇଥିଲେ । ଶୋଭାଯାତ୍ରା ଖଡ଼ିଆଲ୍ ଥାନା ଛକ୍ ନ ପୁହୁଁଚିଲା ଉତ୍‌ରୁ ସେନ ଶପଥ୍ ଗ୍ରହଣ୍ ଉତ୍ସବ୍ ହେଇଥିଲା ।

ସୁଭଦ୍ରା ଯୋଜ୍‌ନା କାର୍ଯ୍ୟକ୍ରମ୍

ସମ୍ବଲ୍‌ପୁର/ ବୌଦ୍ଧ/ ଦେବ୍‌ଗଡ଼୍/ ସୁବର୍ଣ୍ଣପୁର୍/ ନୂଆପଡ଼ା

ପର୍ଶ୍ଚିମ୍ ଓଡ଼ିଶାର୍ ଜିଲ୍ଲା ସଦର୍‌ମହକୁମା ଆଉ ବ୍ଲକ୍ ମାନ୍‌କେ ସୁଭଦ୍ରା ଯୋଜ୍‌ନା କାର୍ଯ୍ୟକ୍ରମ୍ ହେଇଛେ ।

ସମ୍ବଲ୍‌ପୁର୍ ର ତପସ୍ୱିନୀ ହଲ୍ ନ ହେଇଥିବା କାର୍ଯ୍ୟକ୍ରମ୍‌ଥି ଯୋଗ୍ ଦେଇକରି ଜିଲ୍ଲାପାଲ୍ ସିଦ୍ଧେଶ୍ୱର୍ ବଳିରାମ୍ ବୋନ୍ଦର୍ ଇ ଯୋଜ୍‌ନାଥି ଜିଲ୍ଲାର୍ ୧ ଲାଖ୍ ୬୦ ହଜାର୍ ମହିଳା ଲାଭ୍ ପାଇପାର୍‌ବେ ବଲି କହିଛନ୍ ।

ବୌଦ୍ଧ ନ ଜିଲ୍ଲାସ୍ତରୀୟ ଆଉ ସବୁ ବ୍ଲକ୍‌ଥି ସୁଭଦ୍ରା ସମାବେଶ୍ ହେଇଯାଇଛେ । ଇ ସମାବେଶ୍‌ଥି ଜିଲ୍ଲାପାଲ୍ ସୁବ୍ରତ୍ କୁମାର୍ ପଣ୍ଡା, ଅତିରିକ୍ତ ଜିଲ୍ଲାପାଲ୍ ଅନିରୁଦ୍ଧ ପ୍ରଧାନ୍ ଆଉ ଉପଜିଲ୍ଲାପାଲ୍ ପ୍ରଭାସ୍ ଚନ୍ଦ୍ର ଦଣ୍ଡସେନା ପ୍ରମୁଖ ଯୋଗ୍ ଦେଇଥିଲେ ।

ଦେବ୍‌ଗଡ଼୍ ଜିଲ୍ଲା ନ ୧୫ ହଜାର୍ ମହିଳା ଇ ଯୋଜ୍‌ନାକେ ପହେଲା ଖେପେ ୭୫ ଲାଖ୍ ଟଙ୍କା ପାଇଛନ୍ । ଇ ଉଧେ ଜିଲ୍ଲା ସଦର୍ ମହକୁମା ଆର୍ ବ୍ଲକ୍ ମାନ୍‌କେ କାର୍ଯ୍ୟକ୍ରମ୍ ମାନ୍ ହେଇଯାଇଛେ ।

ସୁବର୍ଣ୍ଣପୁର୍ ଜିଲ୍ଲାର୍ ୬ ଟା ଜାଗା ନ ସ୍ୱତନ୍ତ୍ର କାର୍ଯ୍ୟକ୍ରମ୍‌ମାନ୍ ହେଇଯାଇଛେ । ଜିଲ୍ଲା ନ ଆଏଜ୍‌ତକ୍ ଲାଖେ ୨୪ ହଜାର୍ ହିତାଧିକାରୀ ଇ ଯୋଜ୍‌ନାଥି ପଞ୍ଜିକୃତ ହେଇଛନ୍ । ହରଡ଼୍‌ଖୋଲ୍ ନ ହେଇଥିବା ସମାବେଶ୍‌ଥି ଜିଲ୍ଲାପାଲ୍ ଅନ୍ୟା ଦାସ ଆଉ ଜିଲ୍ଲା ମୁଖ୍ୟ ଉନ୍ନୟନ୍ ଅଧିକାରୀ ଅଶ୍ୱିନୀ ମେହେର୍ ପ୍ରମୁଖ ଯୋଗ୍ ଦେଇଥିଲେ ।

ନୂଆପଡ଼ା ଜିଲ୍ଲାର୍ ୫ ଟା ବ୍ଲକ୍ ଆଉ ନୂଆପଡ଼ା ନ ଜିଲ୍ଲାସ୍ତରୀୟ କାର୍ଯ୍ୟକ୍ରମ୍ ହେଇଯାଇଛେ । ଖଡ଼ିଆଲ୍ କଲ୍ୟାଣ୍ ମଣ୍ଡପ୍ ନ ହେଇଥିବା ଗୁଟେ କାର୍ଯ୍ୟକ୍ରମ୍ଥି ଗୁଟେ ରଙ୍ଗୋଲି ପ୍ରତିଯୋଗିତା ହେଇଥିଲା ।

କାର୍ଖାନା ଦୁର୍ଘଟଣା-୨ ଶ୍ରମିକ୍ ମୃତ      ଝାର୍ସୁଗୁଡ଼ା ସମ୍ବାଦଦାତା

ଝାର୍ସୁଗୁଡ଼ା ଜିଲ୍ଲା ମରାକୁଟା ଗାଁ ପାଖେ ଥିବା ଗୁଟେ କାର୍ଖାନାଥି ଆଏଜ୍ ହେଇଥିବା ଦୁର୍ଘଟଣାଥି ୨ ଝନ୍ ଶ୍ରମିକଙ୍କର୍ ଜୀବନ୍ ଯାଇଥିବାର୍ ବେଲେ ୬ ଝନ୍ ଶ୍ରମିକ୍ ଆହତ୍ ହେଇଛନ୍ । ଆହତ୍ମାନ୍କୁ ଗୁଟେ ଘରୋଇ ଡାକ୍ତର୍ଖାନାଥି ଭର୍ତି କରାଯାଇଛେ । ପୁଲିସ୍ ଘଟ୍ନାଜାଗାକେ ପୁହୁଁଚିକରି ତଦନ୍ତ୍ କରୁଛନ୍ । କାର୍ଖାନା ଭିତ୍ରେ ତିଆର୍ ହେଉଥିବା ଗୁଟେ ଲୁହା ଷ୍ଟ୍ରକ୍ଚର୍ ଭାଙ୍ଗିଯିବାର୍ନୁ ଇ ଦୁର୍ଘଟଣା ଘଟିଥିଲା ।